# NATIONAL NEWS BULLETIN (ODIA)

## 28 June - 2025

## Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ଆଚାର୍ଯ୍ୟ ବିଦ୍ୟାନନ୍ଦ ଜୀ ମହାରାଜଙ୍କର ଶତବାର୍ଷିକୀ ସମାରୋହକୁ ଆଜି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଜନସାଧାରଣଙ୍କ ସହ କରିବେ ଭାବବିନିମୟ ।
- ଉତ୍ତର-ପୂର୍ବାଞ୍ଚଳରେ ଉପଲବ୍ଧ ଖଣିଜ ସମ୍ପଦର ଉପଯୁକ୍ତ ବିନିଯୋଗ କରିବା ଦିଗରେ ପୂର୍ଣ୍ଣ ସହାୟତା ଯୋଗାଇଦେବେ କେନ୍ଦ୍ର ସରକାର ।
- ଦକ୍ଷିଣ କୋଲକାତାରେ ଜଣେ ଆଇନ୍ ଛାତ୍ରୀଙ୍କୁ କଲେଜ ପରିସରରେ ଗଣଦୁଷ୍କର୍ମ ଘଟଣାରେ ତିନି ଗିରଫ୍ ।

ଏବଂ

- ଏସୀୟ ସ୍ନୁକର ଟିମ୍ ଚାମ୍ପିୟନ୍‌ସିପ୍‌ର ସେମିଫାଇନାଲ୍‌ରେ ପ୍ରବେଶ କଲା ଭାରତ ।

## ପିଏମ୍-ଆଚାର୍ଯ୍ୟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ଆଚାର୍ଯ୍ୟ ବିଦ୍ୟାନନ୍ଦ ଜୀ ମହାରାଜଙ୍କର ଶତବାର୍ଷିକୀ ସମାରୋହକୁ ଉଦ୍‌ଘାଟନ କରିବେ । ଏହି ଅବସରରେ ଆୟୋଜିତ ଏକ ଜନସମାବେଶରେ ସେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଆଚାର୍ଯ୍ୟ ବିଦ୍ୟାନନ୍ଦ ଜୀ ମହାରାଜଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ସ୍ୱରୂପ କେନ୍ଦ୍ର ସରକାର ଓ ଭଗବାନ ମହାବୀର ଅହିଂସା ଭାରତୀ ଟ୍ରଷ୍ଟର ମିଳିତ ସହଯୋଗରେ ଏକବର୍ଷ ବ୍ୟାପି ହେବାକୁ ଥିବା ଏହି ଶତବାର୍ଷିକୀ ପାଳନ ସମାରୋହ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହେବ । ଏହି ଜୈନ ଧାର୍ମିକ ଗୁରୁ ତଥା ସାମାଜିକ ସଂସ୍କାରକଙ୍କର ଶତବାର୍ଷିକୀ ସମାରୋହ ଅବସରରେ ଦେଶ ବ୍ୟାପି ବିଭିନ୍ନ ସାଂସ୍କୃତିକ, ସାହିତ୍ୟିକ, ଶିକ୍ଷାଗତ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଦେଶ ବ୍ୟାପି ପୁରାତନ ଜୈନ ମନ୍ଦିର ଗୁଡ଼ିକର ସଂରକ୍ଷଣ ତଥା ପୁନରୁଦ୍ଧାର ସହିତ ବିଭିନ୍ନ ଶାସ୍ତ୍ରୀୟ ଭାଷା, ଶିକ୍ଷା ଓ ସମାଜ ସଂସ୍କାର କ୍ଷେତ୍ରରେ ବିଦ୍ୟାନନ୍ଦ ଜୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତର ଏହା ହେବ ୧୨୩ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ

ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ Appରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ  ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ପିଏମ୍ – ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମାସ ୨ ତାରିଖରୁ ୮ ଦିନ ଲାଗି ଘାନା, ତ୍ରିନିଦାଦ ଓ ଟବାଗୋ, ଆର୍ଜେଣ୍ଟିନା, ବ୍ରାଜିଲ୍ ଏବଂ ନାମିବିୟା ଗସ୍ତରେ ଯିବେ । ଏହି ଗସ୍ତର ପ୍ରଥମ ଚରଣରେ ଶ୍ରୀ ମୋଦୀ ଘାନା ଗସ୍ତ କରିବେ । ଏହି ଗସ୍ତ ଅବସରରେ ସେ ଘାନାର ରାଷ୍ଟ୍ରପତିଙ୍କ ସହିତ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ, ଶକ୍ତି ଓ ପ୍ରତିରକ୍ଷା ସହଯୋଗ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଉପରେ ଦ୍ୱିପକ୍ଷିୟ ଆଲୋଚନା କରିବେ ।

ଏହା ପରେ ତିନି ତାରିଖ ଦିନ ଶ୍ରୀ ମୋଦୀ ତ୍ରିନାଦାଦ ଓ ଟବାଗୋ ଗସ୍ତ କରିବେ । ଏହି ଅବସରରେ ସେ ସେଠାକାର ରାଷ୍ଟ୍ରପତି ଖ୍ରୀଷ୍ଟାଇନ୍ କାର୍ଲା କାଙ୍ଗାଲୁ ଏବଂ ପ୍ରଧାନମନ୍ତ୍ରୀ କମଳା ପର୍‌ସାଦ୍-ବିସେସାର୍‌ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବେ । ଏତଦ୍‌ବ୍ୟତୀତ ଶ୍ରୀ ମୋଦୀ

ତ୍ରିନିଦାଦ ଓ ଟବାଗୋର ଯୁଗ୍ମ ସଂସଦୀୟ ଅଧିବେଶନରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଗସ୍ତର ତୃତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ୪ ତାରିଖ ଦିନ ଆର୍ଜେଣ୍ଟିନାରେ ପହଞ୍ଚିବେ । ଏହି ଗସ୍ତ ଅବସରରେ ସେ ସେଠାକାର ପ୍ରଧାନମନ୍ତ୍ରୀ ମିଲେଇଙ୍କ ସହିତ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, କୃଷି, ଖଣି ଖନନ ତୈଳ ଓ ବାଷ୍ପ, ନବୀକରଣ ଶକ୍ତି, ବାଣିଜ୍ୟ ଓ ପୁଞ୍ଜିନିବେଶ ଭଳି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଉପରେ ଆଲୋଚନା କରିବେ । ଏହାଛଡ଼ା ଭାରତ-ଆର୍ଜେଣ୍ଟିନା ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ସହଯୋଗର ଉଭୟ ନେତା ସମୀକ୍ଷା କରିବେ ।

ସପ୍ତଦଶ ବ୍ରିକ୍ସ ସମ୍ମିଳନୀ ୨୦୨୫ରେ ଯୋଗଦେବା ଲାଗି ପ୍ରଧାନମନ୍ତ୍ରୀ ଜୁଲାଇ ୫ ତାରିଖରେ ବ୍ରାଜିଲ୍‌ରେ ପହଞ୍ଚିବେ । ଏହି ସମ୍ମିଳନୀ ବ୍ରାଜିଲର ରିଓ-ଡି-ଜିନିରିଓ ଠାରେ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ଶ୍ରୀ ମୋଦୀ ଶାନ୍ତି ଓ ସୁରକ୍ଷା, ବହୁବାଦର ସଶକ୍ତିକରଣ, କୃତ୍ରିମ ବୁଦ୍ଧିମତାର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳବାୟୁ ପରିବର୍ତ୍ତନ, ବିଶ୍ୱ ସ୍ୱାସ୍ଥ୍ୟ, ଅର୍ଥନୈତିକ ତଥା ଆର୍ଥିକ ପ୍ରସଙ୍ଗ ଉପରେ ସଦସ୍ୟ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହିତ ମତବିନିମୟ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ନେତୃବୃନ୍ଦଙ୍କ ସହିତ ଦ୍ୱିପକ୍ଷିୟ ଆଲୋଚନା କରିବାର ମଧ୍ୟ କାର୍ଯ୍ୟସୂଚୀ ରହିଛି ।

ସେହିଭଳି ଶ୍ରୀ ମୋଦୀ ବ୍ରାସିଲିଆ ଗସ୍ତ କରି ରାଷ୍ଟ୍ରପତି ଲୁଲାଙ୍କ ସହିତ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ମହାକାଶ, ବୈଷୟିକ

ଜ୍ଞାନକୌଶଳ, କୃଷି, ସ୍ୱାସ୍ଥ୍ୟ, ଜନସମ୍ପର୍କ ଭଳି ବିଭିନ୍ନ ଆପୋଷ ସ୍ୱାର୍ଥ ଜଡ଼ିତ କ୍ଷେତ୍ରରେ ରଣନୈତିକ ଭାଗିଦାରୀକୁ ଅଧିକ ସମ୍ପ୍ରସାରିତ କରିବା ଉପରେ ଆଲୋଚନା କରିବେ ।

ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜୁଲାଇ ୯ ତାରିଖରେ ନାମିବିୟା ଗସ୍ତ କରିବେ । ଏହା ହେଉଛି ଶ୍ରୀ ମୋଦୀଙ୍କର ପ୍ରଥମ ନାମିବିୟା ଗସ୍ତ । ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ନାମିବିୟାର ରାଷ୍ଟ୍ରପତି ନାନ୍ଦି-ଦାୟିତ୍ୱାହାଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷିୟ ପ୍ରସଙ୍ଗରେ ଆଲୋଚନା କରିବେ । ଏହାଛଡ଼ା ସେଠାକାର ସଂସଦର ଅଧିବେଶନରେ ସେ ଉଦ୍‌ବୋଧନ ଦେବା ସହିତ ନାମିବିୟାର ପ୍ରଥମ ରାଷ୍ଟ୍ରପତି ସ୍ୱର୍ଗତଃ ଡକ୍ଟର ସାମ ନୁଜୋମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବାର କାର୍ଯ୍ୟସୂଚୀ ରହିଛି ।

## ଜି କିଶାନ୍ ରେଡ୍ଡୀ

ଉତ୍ତର ପୂର୍ବାଞ୍ଚଳରେ ଖଣି କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶାନ ରେଡ୍ଡୀ ଆହ୍ୱାନ ଦେଇଛନ୍ତି । ଗତକାଲି ଗୌହାଟୀ ଠାରେ ଆୟୋଜିତ ଉତ୍ତର-ପୂର୍ବାଞ୍ଚଳ ଖଣି ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ରେଡ୍ଡୀ କହିଛନ୍ତି, ଉତ୍ତର-ପୂର୍ବାଞ୍ଚଳର ଅନାବଶ୍ୟକ ଖଣିଜ ସମ୍ବଳର ଉପଯୁକ୍ତ ବିନିଯୋଗ କରିବା ଦିଗରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ । ଏହି ଅଞ୍ଚଳର ସାମଗ୍ରୀକ ବିକାଶ ଦିଗରେ ଏକ ନିରନ୍ତର ତଥା ବୈଧ ଖଣିଜ ଦ୍ରବ୍ୟ କାରବାରର ଗୁରୁତ୍ୱ ଉପରେ ଶ୍ରୀ ରେଡ୍ଡୀ ଏହି

ଅବସରରେ ଆଲୋକପାତ କରିଛନ୍ତି । ଏହାଛଡ଼ା ସମଗ୍ର ଅଞ୍ଚଳରେ ପରିବେଶକୁ ଅଧିକ ସୁରକ୍ଷିତ କରିବା ତଥା ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ନିରନ୍ତର ଖଣି ପ୍ରକ୍ରିୟା ଚାଲୁ ରଖିବାକୁ ଶ୍ରୀ ରେଡ୍ଡୀ ତାଙ୍କ ମନ୍ତ୍ରଣାଳୟର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି ।

## ଅମିତ ଶାହା-ଗୁଜରାଟ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲି ଗୁଜରାଟର ଗାନ୍ଧିନଗର ଠାରେ ଥିବା ସୂଚନା ଏବଂ ପାଠାଗାର ନେଟ୍‌ୱାର୍କ – ଇନ୍‌ଫ୍ଲିବ୍‌ନେଟ୍ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ପାଠାଗାର ଗୁଡ଼ିକର ବିକାଶ ଦିଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ  ଉପରେ ମଧ୍ୟ ସମୀକ୍ଷା କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ସାସ୍ତୁ ସାହିତ୍ୟ ବର୍ଦ୍ଧକ କାର୍ଯ୍ୟାଳୟ ମୋବାଇଲ୍ ଆପ୍‌ର ଶୁଭାରମ୍ଭ କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଶାହା କହିଛନ୍ତି, ଇନ୍‌ଫ୍ଲିବ୍‌ନେଟ୍ ମାଧ୍ୟମରେ ପାଠାଗାର ଗୁଡ଼ିକର ଦକ୍ଷତାକୁ ସମୟୋପଯୋଗୀ ବୈଷୟିକ ଜ୍ଞାନକୌଶଳର ସମନ୍ୱୟରେ ସଶକ୍ତ କରାଯାଉଛି ।

## ପିଏମ୍

ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ଦିଗରେ ଗତ ୧୧ ବର୍ଷ ବାସ୍ତବରେ ଐତିହାସିକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି ।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରଥଯାତ୍ରା ଦେଖିବା ଲାଗି ମହାପ୍ରଭୁଙ୍କ ଧାମ ପୁରୀକୁ ଆସୁଥିବା ତୀର୍ଥ ଯାତ୍ରୀମାନଙ୍କ ନିମନ୍ତେ ଏହା କିପରି ସୁଗମ କରାଯାଇଛି ଏବଂ ଭାରତୀୟ ରେଳ ଯାତ୍ରାକୁ ଅଧିକ ସହଜ କରାଯିବା ସମ୍ପର୍କରେ ଲେଖିଥିବା ଏକ ସ୍ତମ୍ଭ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ମୋଦୀ ଏହା ଉଲ୍ଲେଖ କରିଛନ୍ତି ।

## ରଥଯାତ୍ରା

ପୁରୀ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ଆଜି ସକାଳ ୯ଟା ୩୦ ମିନିଟ୍ ସମୟରେ ମହାପ୍ରଭୁଙ୍କ ରଥଟଣା ଅନୁଷ୍ଠିତ ହେବ । ଗତକାଲି ତିନିରଥ ବଡ଼ଦାଣ୍ଡରେ ଅଟକି ରହିଛନ୍ତି । ପ୍ରଭୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ବଳଗଣ୍ଡି ଛକରେ ଅଟକି ରହିଥିବା ବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ମାର୍କେଟ ଛକରେ ରହିଛନ୍ତି । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଗୋଟିଏଥର ଟଣାଯାଇ ସିଂହଦ୍ୱାର ନିକଟରେ ଅଟକି ରହିଛି । ବିଧି ଅନୁଯାୟୀ ଆଜି ତିନିରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିକୁ ନିଆଯିବ । ରଥ ଉପରେ ଚତୁର୍ଦ୍ଧା ବିଗ୍ରହଙ୍କ ସେବା ପୂଜା ଅନୁଷ୍ଠିତ ହେଉଛି ।

ଗତକାଲି ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ସଂପର୍କିତ ସମସ୍ତ ନୀତିକାନ୍ତି ନିର୍ଦ୍ଧାରିତ ସମୟରେ ଶେଷ ହେବା ପରେ ଅପରାହ୍ନ ୪ଟା ୩୦ ମିନିଟ୍‌ରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା ।

# ଏନ୍‌ସିଡବ୍ଲୁ-କୋଲକାତା

ଦକ୍ଷିଣ କୋଲ୍‌କାତାରେ ଜଣେ ଆଇନ ଛାତ୍ରୀଙ୍କୁ କଲେଜ ପରିସରରେ ଗଣଦୁଷ୍କର୍ମ ଘଟଣାରେ ପୁଲିସ୍ ତିନି ଜଣଙ୍କୁ ଗିରଫ୍ କରିଛି । ସେମାନଙ୍କ ମଧ୍ୟରୁ ଦୁଇ ଜଣ ବର୍ତ୍ତମାନ ସମ୍ପୃକ୍ତ କଲେଜରେ ଆଇନ୍ ପାଠ୍ୟକ୍ରମ ଅଧ୍ୟୟନରତ ଥିବାବେଳେ ଅନ୍ୟ ଜଣେ ଏହି ମହାବିଦ୍ୟାଳୟର ପୁରାତନ ଛାତ୍ର ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି । ଆସନ୍ତାମାସ ୧ ତାରିଖ ପର୍ଯ୍ୟନ୍ତ ପୋଲିସ ସେମାନଙ୍କୁ ରିମାଣ୍ଡରେ ନେଇଛି । ଅନ୍ୟ ପକ୍ଷରେ ଏହି ଗଣଦୁଷ୍କର୍ମ ମାମଲାର ମୁଖ୍ୟ ଅଭିଯୁକ୍ତ ମନୋଜିତ ମିଶ୍ର ତୃଣମୂଳ କଂଗ୍ରେସ ଛାତ୍ର ନେତା ବୋଲି ଜଣାପଡ଼ିବା ପରେ ଗତକାଲି କୋଲକାତାର ବିଭିନ୍ନ ସ୍ଥାନରେ ପ୍ରତିବାଦ କରାଯାଇଛି । ବାମପନ୍ଥୀ ସମର୍ଥିତ ଛାତ୍ର ସଂଗଠନ ପକ୍ଷରୁ ଗତକାଲି କାସ୍‌ବା ଥାନା ଘେରଉ କରାଯିବା ସହ ସେଠାରେ ଏ ସମ୍ପର୍କିତ ଏକ ମାମଲା ମଧ୍ୟ ରୁଜୁ କରାଯାଇଛି । ଏହି ଘଟଣାରେ ବିରୋଧି ଦଳ ଗୁଡ଼ିକ ଅପରାଧିଙ୍କ ସହିତ ସମ୍ପର୍କ ଥିବା ଅଭିଯୋଗରେ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ସରକାରଙ୍କୁ ନିନ୍ଦା କରିଛନ୍ତି ।

ଅନ୍ୟ ପକ୍ଷରେ ଏହି ଘଟଣାରେ ଜାତୀୟ ମହିଳା ଆୟୋଗ ନିଜ ପକ୍ଷରୁ ତଦନ୍ତ ଆରମ୍ଭ କରିଛନ୍ତି । ଆୟୋଗ କୋଲ୍‌କାତା ପୁଲିସ୍ କମିଶନର୍‌ଙ୍କୁ ଚିଠିଲେଖି ଘଟଣା ଉପରେ ଗଭୀର ଚିନ୍ତା ପ୍ରକଟ କରିବା ସହ ୩ ଦିନ ମଧ୍ୟରେ ଏକ ବିସ୍ତୃତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ତଲବ କରିଛନ୍ତି ।

## ଏସୀୟ ସ୍ନୁକର୍

ଭାରତ ଏସୀୟ ସ୍ନୁକର୍ ଟିମ୍ ଚାମ୍ପିୟନ୍‌ସିପ୍‌ର ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଗତକାଲି କଲମ୍ବୋ ଠାରେ ଅନୁଷ୍ଠିତ କ୍ୱାଟର୍ ଫାଇନାଲ୍ ମ୍ୟାଚରେ ଭାରତ କାତାର ବିପକ୍ଷରେ ୩-୦ରେ ବିଜୟୀ ହୋଇଛି ।

## କ୍ରିକେଟ୍

ଭାରତ-ଇଂଲଣ୍ଡ ମଧ୍ୟରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମହିଳା କ୍ରିକେଟ୍ ସିରିଜ୍ ଆଜିଠାରୁ ଆରମ୍ଭ ହେଉଛି । ନଟିଙ୍ଗ୍‌ହାମ୍‌ରେ ଟ୍ରେଣ୍ଟ୍‌ବ୍ରିଜ୍ ଠାରେ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଆଜି ଏହି ମ୍ୟାଚ୍ ଖେଳାଯିବ । ୨୦୨୩ ଡିସେମ୍ବର ମାସ ପରଠାରୁ ୨୦ ଓଭର ଫର୍ମାଟ୍‌ରେ ଭାରତ ଓ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ପ୍ରଥମଥର ଲାଗି ପରସ୍ପରକୁ ଭେଟିବେ । ଆସନ୍ତା ବର୍ଷ ଜୁନ୍ ୧୨ ତାରିଖରେ ଲଣ୍ଡନରେ ଆରମ୍ଭ ହେବାକୁ ଥିବା ମହିଳା ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତା ଲାଗି ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ପୂର୍ବାଭ୍ୟାସ ବୋଲି କୁହାଯାଇଛି ।